# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 14 December – 2025

*******************************

## ମୁଖ୍ୟ ସମ୍ବାଦ

- ଶକ୍ତି ସଂରକ୍ଷଣ ବର୍ତ୍ତମାନ ସମୟର ସବୁଠାରୁ ବଡ଼ ଆବଶ୍ୟକତା; କହିଲେ ରାଷ୍ଟ୍ରପତି
- କଟକ ସହିଦ ଭବନଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଲେ ପ୍ରଧାନ ବିଚାରପତି
- ଔଷଧ ଦୋକାନରେ କ୍ୟୁଆର୍ କୋଡ଼ ଏବଂ ଦେୟମୁକ୍ତ ଟେଲିଫୋନ୍ ନମ୍ବର ଲେଖିବାକୁ କେନ୍ଦ୍ରୀୟ ଔଷଧ ମାନକ ନିୟନ୍ତ୍ରଣ ସଂଗଠନର ନିର୍ଦ୍ଦେଶ

ଏବଂ

- ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ପରୀକ୍ଷା ନିମନ୍ତେ ଜାରି ରହିଛି ଆବେଦନ ପ୍ରକ୍ରିୟା

# ପ୍ରେଜ୍-ଏନର୍ଜି କନଜରଭେସନ ଡେ

ଶକ୍ତି ସଂରକ୍ଷଣର ଗୁରୁତ୍ୱ ଉପରେ ସଚେତନତା ସୃଷ୍ଟି କରିବା ଏବଂ ଏ କ୍ଷେତ୍ରରେ ଦେଶର ସଫଳତାକୁ ପ୍ରତିପାଦନ କରିବା ଲକ୍ଷ୍ୟ ନେଇ ଆଜି ଜାତୀୟ ଶକ୍ତି ସଂରକ୍ଷଣ ଦିବସ ପାଳନ କରାଯାଉଛି । ନୂଆଦିଲ୍ଲୀଠାରେ ଏହି ଅବସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି ଶକ୍ତି ସଂରକ୍ଷଣ ବର୍ତ୍ତମାନ ସମୟର ବଡ ଆବଶ୍ୟକତା । ସଞ୍ଚିତ ପ୍ରତ୍ୟେକ ୟୁନିଟ୍ ଶକ୍ତି ପ୍ରକୃତିପ୍ରତି ଦାୟିତ୍ୱବୋଧକୁ ପ୍ରତିଫଳନ କରିବା ସହ ଭବିଷ୍ୟତ ପୀଢ଼ି ପାଇଁ ଯତ୍ନ ଏବଂ ସମ୍ବେଦନଶୀଳତା ପ୍ରଦର୍ଶନ କରେ ବୋଲି ରାଷ୍ଟ୍ରପତି କହିଛନ୍ତି । ଶକ୍ତି ସଂରକ୍ଷଣ ଏବଂ ସ୍ୱଚ୍ଛଶକ୍ତି ପରିବର୍ତ୍ତନ କ୍ଷେତ୍ରରେ ଭାରତ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି । ନିର୍ଦ୍ଧାରିତ ସମୟସୀମା ପୂର୍ବରୁ ଭାରତ ସ୍ୱଚ୍ଛଶକ୍ତି କ୍ଷେତ୍ରରେ ନିଜର ପ୍ରତିବଦ୍ଧତାକୁ ପୂରଣ କରିସାରିଛି ବୋଲି ରାଷ୍ଟ୍ରପତି କହିଛନ୍ତି ସେ କହିଛନ୍ତି ଶକ୍ତି ଦକ୍ଷତା ଏବଂ ଅଙ୍ଗାରକାମ୍ଳ ନିର୍ଗମନକୁ ହ୍ରାସ କରିବା କ୍ଷେତ୍ରରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ।

ଏହି ଅବସରରେ ରାଷ୍ଟ୍ରପତି ଜାତୀୟ ଶକ୍ତି ସଂରକ୍ଷଣ ପୁରସ୍କାର ୨୦୨୫ ଏବଂ ଶକ୍ତି ସଂରକ୍ଷଣ ଆଧାରିତ ଜାତୀୟ ଚିତ୍ରକଳା ପ୍ରତିଯୋଗିତାର ବିଜେତାଙ୍କୁ ପୁରସ୍କାର ପ୍ରଦାନ କରିଛନ୍ତି ।

# ଶକ୍ତି ସଂରକ୍ଷଣ ଦିବସ

ଜଳବାୟୁ ପରିବର୍ତ୍ତନ ଏବଂ ଶକ୍ତି ସଂରକ୍ଷଣ ନେଇ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ଜାତୀୟ ଶକ୍ତି ସଂରକ୍ଷଣ ଦିବସ ପାଳନ କରାଯାଉଛି । ଚଳିତବର୍ଷର ବିଷୟବସ୍ତୁ ରହିଛି 'ନିରନ୍ତର ଶକ୍ତି, ନବସୃଜନ ଏବଂ ନାଗରିକ ଅଂଶଗ୍ରହଣକୁ ବୃଦ୍ଧି କରିବା' । ଆଗାମୀ ପିଢ଼ି ପାଇଁ ଏକ ଉଜ୍ଜ୍ୱଳ ଓ ସମୃଦ୍ଧମୟ ଭବିଷ୍ୟତକୁ ସୁନିଶ୍ଚିତ କରିବା ଏହି ଦିବସ ପାଳନର ଅନ୍ୟତମ ଉଦ୍ଦେଶ୍ୟ ।

ଜାତୀୟ ଶକ୍ତି ସଂରକ୍ଷଣ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶକ୍ତି ସଂରକ୍ଷଣ ଉପରେ ଗୁରୁତ୍ୱ ଦେଇଛନ୍ତି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମାଝୀ କହିଛନ୍ତି, ସ୍ଥାୟୀ ଶକ୍ତି ସଂରକ୍ଷଣ ଦିଗରେ ରାଜ୍ୟ ସରକାର ପ୍ରତିବଦ୍ଧ ଅଛନ୍ତି। ଶକ୍ତି ଦକ୍ଷତା ବୃଦ୍ଧି କରିବା ଏବଂ ଅଙ୍ଗାରକ ନିର୍ଗମନ ହ୍ରାସ କରିବା ଉଦ୍ଦେଶ୍ୟରେ ସରକାରଙ୍କ ପକ୍ଷରୁ ଇ-ବସ୍ ସେବାର ପ୍ରସାର, ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ମୁକ୍ତ ବିଜୁଳି ଯୋଜନା ଏବଂ ସୌର ଓ ପବନ ଶକ୍ତି କେନ୍ଦ୍ରୀତ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଭବିଷ୍ୟତ ପିଢ଼ି ପାଇଁ ସବୁଜ, ସ୍ୱଚ୍ଛ ଏବଂ ସ୍ଥାୟୀ ଓଡ଼ିଶା ଗଠନ କରିବା ପାଇଁ ସମସ୍ତେ ଦାୟିତ୍ୱପୂର୍ଣ୍ଣ ଭାବେ ଶକ୍ତି ସଂରକ୍ଷଣ କରିବାକୁ ଶ୍ରୀ ମାଝୀ ଆହ୍ୱାନ ଦେଇଛନ୍ତି।

ଏହି ଅବସରରେ ରାଜ୍ୟ ଶକ୍ତି ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ସଚେତନତା ଅଭିଯାନ ଆରମ୍ଭ ହୋଇଛି । ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ରେ ବିଭାଗ ପକ୍ଷରୁ ଆୟୋଜିତ ପଦଯାତ୍ରାରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଯୋଗଦେଇ କହିଛନ୍ତି...

**- V/O -**

ସଚିବ ବିଶାଲ କୁମାର ଦେବ ପ୍ରମୁଖ ଯୋଗ ଦେଇଥିଲେ । ଜାତୀୟ ଶକ୍ତି ସଂରକ୍ଷଣ ଦିବସରେ ଶକ୍ତି ସଂରକ୍ଷଣ ନିମନ୍ତେ ସଚେତନତା ସୃଷ୍ଟି କରିବାକୁ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଆହ୍ୱାନ ଦେଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ମନ୍ତ୍ରୀ ଶ୍ରୀ ମହାଲିଙ୍ଗ କହିଛନ୍ତି, ଶକ୍ତି ସଂରକ୍ଷଣ ଆମ ସମସ୍ତଙ୍କ କର୍ତ୍ତବ୍ୟ ଏବଂ ଭବିଷ୍ୟତରେ ଶକ୍ତିର ବର୍ଦ୍ଧିତ ଆବଶ୍ୟକତାକୁ ଧ୍ୟାନରେ ରଖି ବର୍ତ୍ତମାନ ଏହାର ସୁବିନିଯୋଗ କରିବା ଆବଶ୍ୟକ ।

Desk

# ପ୍ରଧାନ ବିଚାରପତିଙ୍କ ଓଡ଼ିଶା ଗସ୍ତ

ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏସନ ପକ୍ଷରୁ କଟକ ସହିଦ୍ ଭବନଠାରେ ଆୟୋଜିତ ଏକ ଆଲୋଚନା ଚକ୍ରରେ ଯୋଗଦେଲେ ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ । ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏସନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ କାର୍ଯ୍ୟକ୍ରମରେ ଜଷ୍ଟିସ ସୂର୍ଯ୍ୟକାନ୍ତ ସାଧାରଣ ଲୋକଙ୍କ ପାଇଁ ନ୍ୟାୟ ସୁନିଶ୍ଚିତ, ମାମଲା

ଖର୍ଚ୍ଚ ଏବଂ ବିଳମ୍ବ ହ୍ରାସ କରିବାର ରଣନୀତି ଉପରେ ନିଜର ମତ ଉପସ୍ଥାପନ କରୁଛନ୍ତି। ପ୍ରଧାନ ବିଚାରପତି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କର ଏହା ହେଉଛି ପ୍ରଥମ ଓଡ଼ିଶା ଗସ୍ତ।

Desk

# ନୀଳମଣି ବିଦ୍ୟାରତ୍ନଙ୍କ ଜୟନ୍ତୀ

ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଅନ୍ୟତମ ବିନ୍ଧାଣି ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କର ଜୟନ୍ତୀ ଅବସରରେ ଆଜି ରାଜ୍ୟବାସୀ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛନ୍ତି । ଭୁବନେଶ୍ୱର ଜୟଦେବ ବିହାର ଛକସ୍ଥିତ ପଣ୍ଡିତ ବିଦ୍ୟାରତ୍ନଙ୍କ ପ୍ରତିମୂର୍ତ୍ତିରେ ଆଜି ସକାଳେ ମାଲ୍ୟାର୍ପଣ କରାଯାଇଛି। ଏହି ଅବସରରେ ଆଜି ସନ୍ଧ୍ୟାରେ ଭୁବନେଶ୍ୱର ଜୟଦେବଭବନ ଠାରେ ରାଜ୍ୟସ୍ତରୀୟ ସମାରୋହ ଅନୁଷ୍ଠିତ ହେବାର କାର୍ଯ୍ୟସୂଚୀ ରହିଛି ।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ' ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ପ୍ରଧାନ କହିଛନ୍ତି, ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା।

Desk

# ଔଷଧ କ୍ୟୁଆର୍ କୋଡ୍

ଔଷଧ ଦୋକାନ ଆଗରେ କ୍ୟୁଆର୍ କୋଡ଼୍ ଏବଂ ଦେୟମୁକ୍ତ ଟେଲିଫୋନ୍ ନମ୍ବର ଲେଖିବାକୁ କେନ୍ଦ୍ରୀୟ ଔଷଧ ମାନକ ନିୟନ୍ତ୍ରଣ ସଂଗଠନ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ନିର୍ଦ୍ଦେଶ ଦେଇଛନ୍ତି। ଦୋକାନରୁ ଔଷଧ କିଣି ବ୍ୟବହାର ପରେ କୌଣସି ପାର୍ଶ୍ୱ ପ୍ରତିକ୍ରିୟା ଦେଖାଦେଲେ ଉପଭୋକ୍ତା ସେହି କ୍ୟୁଆର୍ କୋଡ଼୍ ଏବଂ ଦେୟମୁକ୍ତ ଟେଲିଫୋନ୍ ନମ୍ବରରେ ଅଭିଯୋଗ କରିପାରିବେ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି। ପୂର୍ବରୁ ଏ ନେଇ ଉପଭୋକ୍ତାମାନେ ଅଭିଯୋଗ କରିପାରୁ ନ ଥିଲେ। ନିର୍ଦ୍ଦେଶନାମାରେ କ୍ୟୁଆର୍ କୋଡ଼୍ ଓ ଟୋଲ ଫ୍ରି ନମ୍ବର ସମସ୍ତଙ୍କ ଦେଖିବା ଭଳି ସ୍ଥାନରେ ଲେଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଟୋଲ୍ ଫ୍ରି ନମ୍ବର ହେଉଛି ୧୮୦୦-୧୮୦-୩୦୨୪।

Desk

## ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ

ଟାଟାଷ୍ଟିଲ୍ ଯୁବ ଜ୍ୟୋର୍ତିବିଜ୍ଞାନୀ ପ୍ରତିଭା ଅନ୍ୱେଷଣର ୧୯ତମ ଫାଇନାଲ ପର୍ଯ୍ୟାୟକୁ ୬୦ ଜଣ ଛାତ୍ରଛାତ୍ରୀ ମନୋନୀତ ହୋଇଛନ୍ତି। ଗତକାଲି ଭୁବନେଶ୍ୱରସ୍ଥିତ ପଠାଣି ସାମନ୍ତ ପ୍ଲାନେଟୋରିୟମ୍‌ରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ବିଜେତାମାନଙ୍କୁ ପୁରସ୍କୃତ କରିବା ସହ ଜ୍ୟୋର୍ତିବିଜ୍ଞାନୀ ହେବାକୁ ଛାତ୍ରଛାତ୍ରୀମାନଙ୍କୁ ଆହ୍ୱାନ ଦେଇଛନ୍ତି। ଚଳିତ ବର୍ଷ ଏହି ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମରେ ୭୬ ହଜାରରୁ ଅଧିକ ପ୍ରତିଯୋଗୀ ଭାଗ ନେଇଥିଲେ। ବିଜେତାଙ୍କ ମଧ୍ୟରୁ ୩୦ ଜଣ ପ୍ରତିଯୋଗୀ

ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ–ଇସ୍ରୋ ପରିଦର୍ଶନରେ ଯିବେ ବୋଲି ଜଣାପଡ଼ିଛି। ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି, ପଠାଣ ସାମନ୍ତଙ୍କ ସମ୍ମାନାର୍ଥେ ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ାରେ ଗୋଟିଏ ପ୍ଲାନେଟୋରିୟମ୍ ସହ ଆଷ୍ଟ୍ରୋଫିଜିକ୍ସ ଓ ଆଷ୍ଟ୍ରୋନୋମି ପ୍ରତିଷ୍ଠାନ ପ୍ରତିଷ୍ଠା କରାଯିବ।

Desk

## ଗଣିତ ମେଧାବୃତ୍ତି ପରୀକ୍ଷା

ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ପରୀକ୍ଷା ନିମନ୍ତେ ଗତକାଲିଠାରୁ ଅନଲାଇନ୍ ଜରିଆରେ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଛି। ଆସନ୍ତା ୨୫ ତାରିଖ ଆବେଦନର ଶେଷ ତାରିଖ ରହିଛି। ରାଜ୍ୟର ସମସ୍ତ ସ୍ୱୀକୃତି ପ୍ରାପ୍ତ ପ୍ରାଥମିକ, ଉଚ୍ଚପ୍ରାଥମିକ, ୟୁ.ଜି.ଏମ୍.ଇ. ଏବଂ ଷଷ୍ଠ ଓ ନବମ ଶ୍ରେଣୀରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀ ଏଥିଲାଗି ଆବେଦନ କରିପାରିବେ। ମାଧ୍ୟମିକ ଶିକ୍ଷା ପରିଷଦର ୱେବସାଇଟ୍ bseodisha.ac.in ରେ ଆବେଦନ କରାଯାଇପାରିବ। ଆବେଦନ କରିବା ପାଇଁ କୌଣସି ଦେୟ ପଡ଼ିବ ନାହିଁ। ଅନ୍ୟ ସମସ୍ତ ନିୟମାବଳୀ ପରିଷଦର ୱେବସାଇଟ୍‌ରେ ଉପଲବ୍ଧ ହେଉଛି।

Malkangiri

## ଏମ୍.ଭି.–୨୬ ଗ୍ରାମ ପୋଡ଼ାଜଳା

ମାଲକାନଗିରି ଜିଲ୍ଲାର ଏମ୍‌ଭି-୨୬ ଗ୍ରାମରେ ସୃଷ୍ଟି ହୋଇଥିବା ଉତ୍ତେଜନାମୂଳକ ପରିସ୍ଥିତିରେ ସୁଧାର ଆସୁଛି। ପୁଲିସ ଗତକାଲି ୬ ଜଣଙ୍କୁ ଗିରଫ କରିଥିବାବେଳେ ମଧ୍ୟରାତ୍ରୀରେ ଆଉ ୯ ଜଣଙ୍କୁ ଗିରଫ

କରିଛି। ଏହି ଘଟଣାରେ ଗିରଫ ସଂଖ୍ୟା ୧୫କୁ ବୃଦ୍ଧି ପାଇଛି। ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ ଆଜି ମାଲକାନଗିରି ଜିଲ୍ଲା ଗସ୍ତ କରି ସ୍ଥାନୀୟ ସର୍କିଟ୍ ହାଉସ୍‌ରେ ଜିଲ୍ଲା ବଙ୍ଗାଳୀ ସମାଜ ଓ ଜିଲ୍ଲା ଆଦିବାସୀ ସମାଜ ମହାସଂଘର କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଛନ୍ତି। ପରେ ସେ ରାଖାଲଗୁଡ଼ା ଗ୍ରାମ ଗସ୍ତ କରି ମୃତ ମହିଳାଙ୍କ ପରିବାରବର୍ଗଙ୍କୁ ଭେଟିଛନ୍ତି। ସେ ଏମ୍.ଭି.-୨୬ ଗ୍ରାମ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ଘଟଣାକୁ ଦୃଷ୍ଟିରେ ରଖି ଜିଲ୍ଲାରେ ଇଣ୍ଟରନେଟ୍ ସେବା କଟକଣାକୁ ଆସନ୍ତାକାଲି ମଧ୍ୟାହ୍ନ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି।

BHK

## ନକଲି ସିମ୍ କାର୍ଡ

ଭଦ୍ରକ ଜିଲ୍ଲା ମଞ୍ଜୁରୀ ରୋଡ୍ ବଜାରରେ ନକଲି ସିମ୍ କାର୍ଡ ବିକ୍ରି କରୁଥିବା ଅଭିଯୋଗରେ ଦିଲ୍ଲୀ ପୁଲିସ ଜଣଙ୍କୁ ଗିରଫ କରିଛି। ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି, ବେନାମୀ ସିମ୍‌କାର୍ଡ ବିକ୍ରି ମାମଲାରେ ଦିଲ୍ଲୀ ପୁଲିସ ସନ୍ତୋଷ ଖଣ୍ଡାଇ ନାମକ ବ୍ୟକ୍ତିକୁ ଗିରଫ କରିଥିବା ବେଳେ ବନ୍ତ ବ୍ଲକ ତରାଗୋ ଅଞ୍ଚଳର ମହେଶ୍ୱର ପୁଷ୍ଟିଆକୁ ଗତ ଶୁକ୍ରବାର ଦିନ ଗିରଫ କରିଥିଲା। ଉଭୟଙ୍କୁ ଭଦ୍ରକ କୋର୍ଟର ଅନୁମତି ପରେ ଦିଲ୍ଲୀ ନିଆଯାଇଥିବା ସେ କହିଛନ୍ତି। ଅଭିଯୁକ୍ତଙ୍କ ନାମରେ ଦିଲ୍ଲୀ ସାହିନ୍‌ବାଗ ଥାନାରେ ମାମଲା ରୁଜୁ ହୋଇଛି। ଉଭୟ ଅଭିଯୁକ୍ତ ନୂଆ ସିମ୍‌କାର୍ଡ କିଣିବାକୁ ଆସୁଥିବା ଗ୍ରାହକଙ୍କ ଆଧାରକାର୍ଡ ଜରିଆରେ ଏକାଧିକ ସିମ୍‌କାର୍ଡ ଆକ୍ଟିଭ୍ କରୁଥିବା ଅଭିଯୋଗ ହୋଇଛି।

Desk

# ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ

କଟକ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମଠାରେ ଚାଲିଥିବା ଅନ୍ତର୍ଜାତୀୟ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଓଡ଼ିଶା ମାଷ୍ଟର୍ସ ୨୦୨୫ ଆଜି ଉଦ୍‌ଯାପିତ ହେଉଛି । ମହିଳା ଏବଂ ପୁରୁଷ ବିଭିନ୍ନ ବର୍ଗର ଫାଇନାଲ ପର୍ଯ୍ୟାୟ ମ୍ୟାଚ୍ ଆଜି ଖେଳାଯାଉଛି । ଗତକାଲି ସବୁ ବର୍ଗରେ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା ।